ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/WCD(OD/367/Dt.08.09.2020

# କୋଭିଡ ମହାମାରୀ ଆଣିଛି ସକାରାତ୍ମକ ପରିବର୍ତ୍ତନ

## ସନ୍ତାନମାନଙ୍କ ଲାଳନପାଳନରେ ପୁରୁଷମାନଙ୍କ ସହଭାଗିତା ବୃଦ୍ଧି

ଭୁବନେଶ୍ୱର, ୦୮/୦୯/୨୦୨୦

ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟରକ୍ଷା, ପୁଷ୍ଟିସାଧନ, ମାନସିକ ଏବଂ ଶାରିରୀକ ବିକାଶ, ଶିଶୁମାନଙ୍କ ଲାଳନପାଳନ କେବଳ ପରିବାରର ମହିଳାମାନଙ୍କ ଦାୟିତ୍ୱ ନୁହେଁ, ଏଥିରେ ଘରର ପୁରୁଷମାନଙ୍କର ମଧ୍ୟ ସମ ପରିମାଣର ଭାଗିଦାରୀ ଆବଶ୍ୟକ । ପୁରୁଷମାନଙ୍କ ସହଯୋଗ, ସମର୍ଥନ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସଂପୃକ୍ତିକୁ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ପୁରୁଷମାନଙ୍କ ସହଭାଗିତା ବା ‘ମେନ୍‌ଷ୍ଟ୍ରିମିଙ୍ଗ’ ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନର ଏକ ଅତ୍ୟନ୍ତ ସକାରାତ୍ମକ ଓ ଫଳପ୍ରଦ ସଫଳତା କୋଭିଡ୍ ମହାମାରୀ ସମୟରେ ବିଶେଷ ଭାବେ ପରିଲକ୍ଷିତ ହେଉଛି ।

ବର୍ତ୍ତମାନ ବିଶ୍ୱ ଇତିହାସ ଏବଂ ମଣିଷ ସମାଜକୁ କୋଭିଡ୍-୧୯ ମହାମାରୀ ଭୀଷଣ ଭାବେ ପ୍ରଭାବିତ କରିଛି । କୋଭିଡ୍‌ର ଅନେକ ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳୁଛି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଏହି ମହାମାରୀ କେତେକ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିପାରିଛି । ପରିବାର ସଦସ୍ୟମାନେ ପରସ୍ପରର ନିକଟବର୍ତ୍ତୀ ହୋଇପାରିଛନ୍ତି । ପରିବେଶ ଅଧିକ ସ୍ୱଚ୍ଛ ଏବଂ ନିର୍ମଳ ହୋଇଛି ଏବଂ ସବୁଠାରୁ ବଡ଼ କଥା ହେଉଛି କୋଭିଡ୍ ଅନେକ ଲିଙ୍ଗଗତ ପ୍ରଚଳିତ ଧାରଣାକୁ ପରିବର୍ତ୍ତନ କରିବାରେ ସକ୍ଷମ ହୋଇଛି ।

କରୋନା କାଳରେ ଲକ୍‌ଡାଉନ୍ ହେତୁ ପରିବାରମାନଙ୍କୁ ଦୀର୍ଘସମୟ ଘରେ ରହିବାକୁ ପଡ଼ିଲା । ଏହା ଦ୍ୱାରା କେବଳ ପାରିବାରିକ ସଂପର୍କ ଦୃଢ଼ ହୋଇଛି ତା’ନୁହେଁ ପୁରୁଷମାନଙ୍କୁ ନିଜର ସ୍ତ୍ରୀ ଓ ପିଲାମାନଙ୍କ ପ୍ରତି ଥିବା ଦାୟିତ୍ୱ ସଂପର୍କରେ ସେମାନଙ୍କୁ ସଚେତନ କରାଇ ଦେଇଛି । ଘରର ପ୍ରତ୍ୟେକଟି ଛୋଟବଡ କାମରେ ସହାୟତା କରିବାଠାରୁ ପିଲାମାନଙ୍କ ଯତ୍ନନେବା, ପିଲାମାନଙ୍କୁ ପାଠ ପଢ଼ାଇବା, ଗପ କହିବା ଆଦି ଅନେକ କାମରେ ପୁରୁଷମାନେ ସଂଶ୍ଲିଷ୍ଟ ହୋଇଛନ୍ତି ଯାହା ପୂର୍ବରୁ କେବଳ ଘରେ ମା’ମାନଙ୍କ ଦାୟିତ୍ୱ ଭାବେ ପରିଗଣିତ ହେଉଥିଲା ।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ସାରା ରାଜ୍ୟରେ ବ୍ୟାପକ ଭାବେ ଆରମ୍ଭ କରାଯାଇଥିବା ଏହି ଅଭିଯାନ ସଂପର୍କିତ ଅନେକ ସଫଳ ଏବଂ ସକାରାତ୍ମକ କାହାଣୀ ବିଭାଗର ହସ୍ତଗତ ହେବାରେ ଲାଗିଛି । ଗୋଷ୍ଠୀ ସ୍ତରରେ ପୁରୁଷମାନଙ୍କ ସକ୍ରିୟ ସହଭାଗିତା ଦେଖିବାକୁ ମିଳୁଛି । ବିଭାଗ ଦ୍ୱାରା କୋଭିଡ୍ ମହାମାରୀ ସମୟରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ପାଠପଢ଼ା ବ୍ୟତୀତ ନୃତ୍ୟସଂଗୀତ, ଗଳ୍ପକଥନ, ଚିତ୍ରାଙ୍କନ ଆଦି ମାଧ୍ୟମରେ ସୃଜନାତ୍ମକ ବିକାଶ ପାଇଁ ଆରମ୍ଭ ହୋଇଥିବା ‘ଘରେ ଘରେ

ଅରୁଣିମା’ କାର୍ଯ୍ୟକ୍ରମରେ ପୁରୁଷମାନଙ୍କ ସର୍ବାଧିକ ଭାଗୀଦାରି ଦେଖିବାକୁ ମିଳୁଛି । ପିଲାମାନଙ୍କ ବିଭିନ୍ନ କଥା ଶିଖିବା, ଖେଳିବା, ଜାଣିବାରେ ପିତାମାନେ ଅଧିକ ଆଗ୍ରହର ସହିତ ସଂପୃକ୍ତ ହେଉଛନ୍ତି । କୋଭିଡ୍ କଠିନ ପରିସ୍ଥିତିରେ ଶିଶୁମାନଙ୍କୁ ନିୟମିତ ଟୀକାକରଣ ପାଇଁ ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇକରି ଯିବା, ମମତା ଦିବସରେ ଗର୍ଭବତୀ ପତ୍ନୀଙ୍କୁ ଯତ୍ନର ସହ ଅଙ୍ଗନବାଡ଼ିରେ ପହଞ୍ଚାଇବା ଆଦି ପ୍ରତ୍ୟେକ କାର୍ଯ୍ୟରେ ପୁରୁଷମାନେ ସହଯୋଗ କରୁଛନ୍ତି । ପୁରୁଷମାନଙ୍କ ଘର କାର୍ଯ୍ୟରେ ସହଯୋଗ ହେତୁ ମହିଳାମାନେ ମଧ୍ୟ ବିନା ବାଧାବିଘ୍ନରେ ନିଜ ସନ୍ତାନମାନଙ୍କୁ ଯଥେଷ୍ଟ ସମୟ ସ୍ତନ୍ୟପାନ କରାଇ ପାରୁଛନ୍ତି, ଯାହା ଆଗରୁ ସମୟ ଅଭାବରୁ ଠିକ୍ ଭାବେ କରିବା କଷ୍ଟକର ହୋଇ ପଡୁଥିଲା ।

ଏହି ଅଭିଯାନକୁ ସଫଳତାର ସହ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରୁଥିବା ଅଙ୍ଗନବାଡି କର୍ମୀମାନେ ବିଭିନ୍ନ ପରାମର୍ଶ ବୈଠକରେ ପୁରୁଷମାନେ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ସ୍ୱଚ୍ଛତା ଏବଂ ମା’ ଓ ଶିଶୁର ଯତ୍ନ ସମ୍ପର୍କରେ ଆଗ୍ରହର ସହିତ ସମସ୍ତ ବିଷୟ ଜାଣିବା ସହ ଅଂଶଗ୍ରହଣ କରୁଛନ୍ତି ବୋଲି କହିଛନ୍ତି । ପ୍ରତି ଅଙ୍ଗନବାଡି କେନ୍ଦ୍ରରେ ତିଆରୀ କରାଯାଉଥିବା ‘ମୋ ଉପକାରୀ ବଗିଚା’ ପାଇଁ ମଧ୍ୟ ସେମାନେ ସହଯୋଗ କରୁଥିବା କଥା ଅଙ୍ଗନବାଡି କର୍ମୀମାନେ ସ୍ୱୀକାର କରିଛନ୍ତି । ନିଜ ପରିବେଶକୁ ସଫା ସୁତୁରା ରଖିବା ସହ ପୁରୁଷମାନେ ମଧ୍ୟ ସଂକ୍ରମଣଠାରୁ ନିଜ ପରିବାରକୁ ଦୂରେଇ ରଖିବା ପାଇଁ ମାସ୍କ, ସାବୁନ ଏବଂ ସାନିଟାଇଜର ସଂଗ୍ରହ କରିବା ସହ ନିୟମିତ ବ୍ୟବହାର କରୁଛନ୍ତି ।

ନିକଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗୁରୁତର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଯେଉଁଥିରେ ଅଙ୍ଗନବାଡି କର୍ମୀମାନଙ୍କ ପକ୍ଷରେ ପାଣି ଘେରରେ ହିତାଧିକାରୀଙ୍କ ଘର ପାଖରେ ପହଞ୍ଚି ଶୁଖିଲା ରାସନ ବଣ୍ଟନ କରିବା କଷ୍ଟକର ହୋଇପଡ଼ିଥିଲା । ଏହିଭଳି ସ୍ଥାନଗୁଡ଼ିକରେ ପୁରୁଷମାନେ ଅଙ୍ଗନବାଡି ଦିଦିମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ଏବଂ ନିଜ ଅଞ୍ଚଳରେ ଘରେ ଘରେ ରାସନ ପହଞ୍ଚାଇବାରେ ସହଯୋଗ କରିଥିଲେ ।

ଏହି ଅଭିଯାନର ସଫଳତାରେ ସନ୍ତୋଷ ପ୍ରକାଶ କରି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଛନ୍ତି, ଶିଶୁମାନଙ୍କ ଲାଳନପାଳନରେ ଉଭୟ ପିତାମାତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅଧିକରୁ ଅଧିକ ପୁରୁଷ ନିଜ ପରିବାରରେ ସ୍ତ୍ରୀ ଓ ସନ୍ତାନମାନଙ୍କ ସ୍ୱାସ୍ଥ୍ୟସେବା, ପୁଷ୍ଟିସାଧନ ଏବଂ ଘରୋଇ କାର୍ଯ୍ୟରେ ସଂଶ୍ଳିଷ୍ଟ ହେବା ଏକ ଶୁଭ ସୂଚନା । ଏହା ଦ୍ୱାରା ପରିବାରର ମହିଳାମାନଙ୍କ ଉପରେ କାର୍ଯ୍ୟଚାପ କମିଛି ଏବଂ ପାରିବାରିକ ସଂପର୍କ ଆହୁରି ନିବିଡ଼ ହୋଇପାରିଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ